# ଘରୋଇ ବ୍ୟବହାର ସହ ଅତିରିକ୍ତ ରୋଜଗାର ପାଇଁ ମାଛ ଚାଷ

ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଲା ପରେ ପାରିବାରିକ ସମସ୍ୟା ଯୋଗୁଁ ପାଠପଢ଼ା ଛାଡ଼ିଦେଲି । ମୋର ୩.୫ ଏକର ଡଙ୍ଗର ଜମି, ୧ ଏକର ମଧ୍ୟମ ଧରଣର ଜମି ଓ ୨ ଏକର ଖାଲଜମି ସହ ଗୋଟିଏ ଛୋଟ ପୋଖରୀ ଅଛି । ମୁଁ ମୋ ଜମିରେ ଧାନ, ମାଣ୍ଡିଆ ଚିନାବାଦାମ, ମୁଗ, ବିରି ଓ କାନ୍ଦୁଲ ସହିତ ପୋଖରୀରେ ମାଛ ଚାଷ କରେ । ମୁଁ ଏମ୍.ଏସ୍.ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଲାନ୍‌ସା ପ୍ରକଳ୍ପ ଦ୍ୱାରା, ମାଣ୍ଡିଆକୁ ଧାଡିରେ ରୋପିବା, ଘରର ପଛପଟେ ବଗିଚ୍ଚା ପ୍ରସ୍ତୁତ କରି ସେଠାରେ ବିଭିନ୍ନ ପ୍ରକାରର ପନିପରିବା ସହିତ ଫଳଗଛ ଲଗାଇବା ଏବଂ କେଉଁ ଖାଦ୍ୟ ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ଭଲ ରହିବ ସେ ଦିଗରେ ବହୁତ କିଛି ତାଲିମ ମାଧ୍ୟମରେ ଶିଖିବାକୁ ପାଇଛି ।

ମୁଁ ପ୍ରକଳ୍ପ କର୍ମଚାରୀମାନଙ୍କଠାରୁ ବିଭିନ୍ନ ପ୍ରକାରର ଚାଷ ପ୍ରଣାଳୀ ସହ କୀଟନାଶକ ପ୍ରୟୋଗର ଜ୍ଞାନ କୌଶଳ ମଧ୍ୟ ଶିଖିବାକୁ ପାଇଥିଲେ ମଧ୍ୟ ମାଛ ଚାଷରେ ବିଶେଷ ଉପକୃତ ହୋଇଛି । ପ୍ରଥମ ବର୍ଷ (୨୦୧୩–୧୪)ରେ ପ୍ରକଳ୍ପ ଦ୍ୱାରା ଆୟୋଜିତ "ଉନ୍ନତ ମାଛ ଚାଷ" ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲି । ତାଲିମ୍ ନେଇ ଆସିଲା ପରେ ପୋଖରୀ ସଫା କଲି ଏବଂ ପୋଖରୀର ଆୟତନ ଅନୁସାରେ ଚୂନ ପ୍ରୟୋଗ କଲି । ଚୂନ ପକାଇବାର ୧୫ ଦିନ ପରେ ୧୦୦୦ ମିଶ୍ରିତ ମାଛ ଜାଆଁଳ ଛାଡ଼ିଲି । ମାଛମାନଙ୍କ ଖାଦ୍ୟ ପାଇଁ ପ୍ରତିଦିନ ଚାଉଳ କୁଣ୍ଡା ଦେଲି । ପୋଖରୀରେ ଶୈବାଳ ବୃଦ୍ଧି ପାଇଁ ପ୍ରତି ସପ୍ତାହରେ ପୋଖରୀର ଚାରି କୋଣରେ ଚାରି ଗୁଲି କଅଁା ଗୋବର ନିୟମିତ ଭାବରେ ୪–୫ ମାସ ପର୍ଯ୍ୟନ୍ତ ପକାଇଲି । ଏହିସବୁ ଫଳରେ ସେହି ପୋଖରୀରୁ ୨ ଥରରେ ୪୦ କି.ଗ୍ରା. ମାଛ ଅମଳ କରିଥିଲି । ସେଥିରୁ ୬ କି.ଗ୍ରା. ମାଛ ଘରେ ଖାଇବା ସହିତ ୩୪ କି.ଗ୍ରା. ମାଛକୁ କି.ଗ୍ରା. ପ୍ରତି ୧୨୦ଟଙ୍କା ଦରରେ ଆମ ଗାଁରେ ବିକ୍ରିକରି ମୋ ପରିବାରର ସମସ୍ତଙ୍କ ପାଇଁ ପୋଷକପତ୍ର କିଣିପାରିଥିଲି । ପୂର୍ବରୁ ସେହି ପୋଖରୀରୁ ବର୍ଷକୁ ହାରାହାରି ୨୦–୨୫ କି.ଗ୍ରା. ମାଛ ଅମଳ କରୁଥିଲି କିନ୍ତୁ ଉନ୍ନତ ଜାଆଁଳ ଓ ଟିକିଏ ଯତ୍ନ କରି ସେହି ପୋଖରୀରୁ ମୁଁ ଏବେ ଦୁଇଗୁଣ ଅମଳ ପାଇଲି । ତେଣୁ ଯଦି ଆମେ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ଯଥା: ପୋଖରୀ ସଫା ରଖିବା, ଜଳର ଗୁଣାତ୍ମକ ମାନ ବଜାଇ ରଖିବା ପାଇଁ ପୋଖରୀର ଆୟତନ ଅନୁସାରେ ଚୂନ ପ୍ରୟୋଗ କରିବା, ଆବଶ୍ୟକ ଅନୁଯାୟୀ ଗୋବର ପ୍ରୟୋଗ କରିବା, ନିୟମିତ ଓ ସମୟ ଅନୁସାରେ ଖାଦ୍ୟ ପ୍ରୟୋଗ କରିବା, ତେବେ ମାଛ ଆହୁରି ଭଲ ବଢ଼ିବେ ଏବଂ ଉତ୍ପାଦନ ବୃଦ୍ଧି ମଧ୍ୟ ସମ୍ଭବ ହେବ ।





**ନାମ : ଘେନୁ ଖିଲ**
ଗ୍ରାମ : ଅଟାଳଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୩୦ ବର୍ଷ
ଜାତି : ରଣା (ପଛୁଆବର୍ଗ)
ବୃତ୍ତି : କୃଷି (୬.୫ ଏକର)
ପରିବାର ସଂଖ୍ୟା : ୬ (୩ ବୟସ୍କ, ୩ ଶିଶୁ)


ଲେଖା ଓ ପ୍ରସ୍ତୁତି: **ନରେଶ ଚନ୍ଦ୍ର ପାତ୍ର,**
ବୈଷୟିକ ସହାୟକ,
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା



LANSA Leveraging Agriculture for Nutrition in South Asia
MSSRF